# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 August – 2026

*********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ୍‌ର ହେବ ବୈଠକ
- ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶ ପାଇବ ଆଜି ଅପରାହ୍ନରେ
- ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆଜି ଅନୁଷ୍ଠିତ ହେଉଛି ଚିତାଲାଗି ନୀତି; ଅପରାହ୍ନ ୨ଟାରୁ ୫ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣଙ୍କ ଦର୍ଶନ
- ହାତୀମାନଙ୍କର ସୁରକ୍ଷା ଏବଂ ସଂରକ୍ଷଣ ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ହାତୀ ଦିବସ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଜି ଲଘୁଚାପରେ ପରିଣତ ହେବା ନେଇ ପାଣିପାଗ ବିଭାଗର ସୂଚନା

Desk

## କ୍ୟାବିନେଟ୍

ଭୁବନେଶ୍ୱର ଲୋକସେବା ଭବନଠାରେ ଆଜି ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ସମ୍ଭାବନା ରହିଛି। ଏଥିରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

Desk

## ମାଟ୍ରିକ ପରୀକ୍ଷାଫଳ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ଆଜି ଅପରାହ୍ନରେ ୪ଟା ୩୦ ମିନିଟ୍‌ରେ ପ୍ରକାଶ ପାଇବ। ଏଥିସହିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ (ଦ୍ୱିତୀୟ) ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇବ। ଆସନ୍ତା ୧୭ ତାରିଖରୁ ଛାତ୍ରଛାତ୍ରୀମାନେ ବୋର୍ଡ ୱେବସାଇଟ୍‌ରୁ ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ ବୋଲି ସୂଚନା ମିଳିଛି।

Desk

## ନାମଲେଖା

୨ ବର୍ଷିଆ ବିଏଡ୍, ଏମ୍ଏଡ୍ ଏବଂ ବିଏଚ୍ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରଥମ ମେଧା ତାଲିକା ପ୍ରକାଶ ପାଇଛି । ସାମ୍ସ

ପୋର୍ଟାଲ୍‌ରେ ପ୍ରକାଶିତ ତାଲିକା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୮୨୫ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି । ନାମଲେଖା ପ୍ରକ୍ରିୟା ଆସନ୍ତା ୧୪ ତାରିଖ ସୁଦ୍ଧା ସଂପୂର୍ଣ୍ଣ କରିବା ନେଇ ସମୟସୀମା ଧାର୍ଯ୍ୟ ହୋଇଛି ।

Desk

## ଚିତାଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେବ।  ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ତିନି ବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ସେବକମାନେ ଶ୍ରୀଅଙ୍ଗରେ ଅଳଙ୍କାର ଲାଗି କରାଇବେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ୱେତ ହୀରାଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ। ବଡ଼ଠାକୁର ବଳଭଦ୍ର ନୀଳା ଏବଂ ଦେବୀ ସୁଭଦ୍ରା ମାଣିକ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ। ପ୍ରଥମ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ନବରଙ୍ଗପୁର ଜିଲ୍ଲାରେ ଚିତାଲାଗି ଅମାବାସ୍ୟା ପାଳନ ଅବସରରେ ଆଜି ଘରେଘରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । କୃଷିବର୍ଷ ଆରମ୍ଭର ପ୍ରଥମ ପର୍ବ ରୂପେ ବିବେଚିତ ଏହି ପର୍ବ ରୋଗପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ପାଳନ କରାଯାଇଥାଏ । ଏହି ଅବସରରେ ଜଙ୍ଗଲରୁ

ସଂଗୃହୀତ ବିଭିନ୍ନ ଔଷଧୀୟ ଗୁଳ୍ମ ଓ ବୃକ୍ଷର ଡାଳପତ୍ର ଘର ଦୁଆର ଏବଂ ଗୁହାଳ ଚାରିପଟେ ପୋତା ଯାଇଥାଏ ।

Desk

# ଭିପି-ହରଘର ତ୍ରିରଙ୍ଗା

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ବନ୍ଦେ ମାତରମ୍‌ର ଭାବନା' ଭାରତର ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣତି କରିଥିଲା ଓ ଆଜି ମଧ୍ୟ ଏହା ଦେଶର ପରିଚୟକୁ ସୁଦୃଢ଼ କରିଚାଲିଛି । ଜାତୀୟ ସଂଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ 'ହର ଘର ତ୍ରିରଙ୍ଗା ବାଇକ୍ ର୍ୟାଲି'ର ଅଂଶ ଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, 'ବନ୍ଦେ ମାତରମ୍'ର ଶବ୍ଦଗୁଡ଼ିକ ଦେଶପ୍ରେମ ଜାଗ୍ରତ କରିଥିଲା। ଔପନିବେଶିକ ଶାସନ ବିରୋଧରେ ସଂଗ୍ରାମରେ ବିଭିନ୍ନ ଅଞ୍ଚଳ, ଭାଷା, ଧର୍ମ ଓ ପୃଷ୍ଠଭୂମିର ଲୋକଙ୍କୁ ଏକତ୍ରିତ କରିଥିଲା ।

Kalahandi/Nabarangpur

## ହର୍ ଘର୍ ତିରଙ୍ଗା

ନବରଙ୍ଗପୁରରେ ଆଜି 'ହର୍ ଘର୍ ତିରଙ୍ଗା' ଓ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ଭବ୍ୟ ଓ ଆକର୍ଷଣୀୟ ତ୍ରିରଙ୍ଗା ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏହି ଶୋଭାଯାତ୍ରାର ଶୁଭାରମ୍ଭ

କରିଥିଲେ। ଶୋଭାଯାତ୍ରାରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଳାହାଣ୍ଡି ଶାଖା ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ର୍ୟାଲିରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇ ଭବାନୀପାଟଣାସ୍ଥିତ ଷ୍ଟାଚ୍ୟୁଛକ ଦେଇ ପୁଣି ବିଶ୍ୱବିଦ୍ୟାଳୟ ପରିସରକୁ ଫେରିଥିଲା।

Desk

## ସ୍ୱାଧୀନତା ଦିବସ ପରେଡ୍

ଆସନ୍ତା ସ୍ୱାଧୀନତା ପାଳନ ପାଇଁ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡର ଅଭ୍ୟାସ ଆରମ୍ଭ ହୋଇଛି। ୫୧ଟି କଣ୍ଟିଜେଣ୍ଟ ଏହି ଅଭ୍ୟାସରେ ସାମିଲ ହୋଇଛନ୍ତି। ଓଡ଼ିଶା ପୁଲିସ ସମେତ ବିଭିନ୍ନ ସୁରକ୍ଷା ବାହିନୀ, ଏନ୍‌ସିସି କ୍ୟାଡେଟ୍, ସ୍କାଉଟ୍ ଆଣ୍ଡ ଗାଇଡ୍ସ ଏବଂ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ପରେଡରେ ଅଂଶଗ୍ରହଣ କରିବେ।

Desk

## ବିଶ୍ୱ ହାତୀ ଦିବସ

ହାତୀମାନଙ୍କର ସୁରକ୍ଷା ଏବଂ ସଂରକ୍ଷଣ ବାର୍ତ୍ତା ନେଇ ୨୦୧୧ ମସିହାରୁ ଆଜିର ଦିନକୁ ବିଶ୍ୱ ହାତୀ ଦିବସ ଭାବେ ପାଳନ କରାଯାଉଛି ।

୨୦୨୪ ହାତୀ ଗଣନା ରିପୋର୍ଟ ଅନୁସାରେ, ରାଜ୍ୟର ୨୮ଟି ଜିଲ୍ଲାର ୪୮ଟି ବନଖଣ୍ଡ ଡିଭିଜନରେ ହାତୀ ସଂଖ୍ୟା ୨ହଜାର ୧୦୩ ଥିଲା। ୧୩ଟି ବନଖଣ୍ଡରେ ଆଦୌ ହାତୀ ନଥିବା ବେଳେ ଢେଙ୍କାନାଳରେ ସର୍ବାଧିକ ୨୯୧ଟି ହାତୀ ରହିଥିବା ଜଣାପଡିଛି । ରାୟଗଡ଼ା ଓ ଝାରସୁଗୁଡ଼ା ବନଖଣ୍ଡରେ ଗୋଟିଏ ଲେଖାଏଁ ହାତୀ ଥିବା ଗଣନାରୁ ଜଣାପଡିଛି। ୨୦୧୭ ମସିହା ହାତୀଗଣନା ତୁଳନାରେ ୨୦୨୪ ମସିହାରେ ଅଧିକ ୧୬୦ଟି ହାତୀ ବଢ଼ିଛନ୍ତି। ହାତୀଙ୍କ ଚଳପ୍ରଚଳ ପାଇଁ ୧୪ଟି ହାତୀ କରିଡର ଚିହ୍ନଟ କରାଯାଇଛି। ଆକଳନ ଅନୁଯାୟୀ ଭାରତରେ ଏସୀୟ ହାତୀଙ୍କ ସଂଖ୍ୟା ପ୍ରାୟ ୨୨ ହଜାର ୪୪୬ ରହିଛି । ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏହି ବୃହଦାକାୟ ତୃଣଭୋଜୀ ପ୍ରାଣୀଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ।

ବିଶ୍ୱ ହସ୍ତୀ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତୀୟ ପ୍ରାକୃତିକ ଐତିହ୍ୟର ହାତୀ ହେଉଛି ଏକ ସୁନ୍ଦର ପ୍ରତୀକ। ଏସିଆର ମୋଟ ହାତୀ ସଂଖ୍ୟାର ୬୦ ପ୍ରତିଶତରୁ ଅଧିକ ଭାରତରେ ରହିଥିବା ନେଇ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ହାତୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଯୋଗଦାନ ଦେଇଥିବା ବୈଜ୍ଞାନିକ, ଜଙ୍ଗଲପ୍ରେମୀ ଓ ଜନସାଧାରଣଙ୍କୁ ଏହି ଅବସରରେ ପ୍ରଶଂସା କରିଛନ୍ତି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ହାତୀମାନଙ୍କର ବାସସ୍ଥଳୀ ଓଡ଼ିଶାର ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ହାତୀ ଆମ ପ୍ରାକୃତିକ ପରିବେଶ, ଜୈବ ବିବିଧତା ଏବଂ ଗୌରବମୟ ସଂସ୍କୃତିର ଅନନ୍ୟ ପ୍ରତୀକ। ମହାପ୍ରଭୁଙ୍କ ହାତୀବେଶଠାରୁ ଆରମ୍ଭ କରି ମନ୍ଦିର ଗାତ୍ରର ସ୍ଥାପତ୍ୟ ଏବଂ ଆମର ସମୃଦ୍ଧ ଇତିହାସ ପର୍ଯ୍ୟନ୍ତ ଗଜରାଜ ସର୍ବଦା ଓଡ଼ିଶାର ସାଂସ୍କୃତିକ ପରିଚୟ ସହ ନିବିଡ଼ଭାବେ ଜଡ଼ିତ। ପ୍ରକୃତିର ଏହି ଗୌରବମୟ ସମ୍ପଦର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

Desk

# ଯୁବଦିବସ

ଯୁବବର୍ଗଙ୍କୁ ସୁସ୍ଥ, ସୁରକ୍ଷିତ ରଖିବା ସହ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ୧୯୯୯ ମସିହା ଡିସେମ୍ବର ୧୭ ତାରିଖରେ ମିଳିତ ଜାତିସଂଘର ସାଧାରଣ ପରିଷଦ ସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୨୦୦୦ ମସିହାରୁ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ସମାଜ ଗଠନରେ ଯୁବବର୍ଗଙ୍କ ଭୂମିକା ଏବଂ ଅବଦାନକୁ  ଉତ୍ସାହିତ କରିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ ।

Bhadrak

## ଆଇନ ସଚେତନତା କାର୍ଯ୍ୟକ୍ରମ

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଓ ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାର ରାନ୍ଦିଆସ୍ଥିତ ରାମେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଆଞ୍ଚଳିକ ଭାଷାରେ ମାମଲାଗୁଡ଼ିକର ରାୟ ସାଧାରଣ ଲୋକମାନଙ୍କ ପାଖରେ ସହଜରେ ପହଁଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ମଧ୍ୟସ୍ଥତା ମାଧ୍ୟମରେ ବିଚାରାଧୀନ ମାମଲାଗୁଡ଼ିକର ସମାଧାନ କରାଯିବା ଉପରେ ଆଲୋଚନା ହୋଇଥିଲା।

Nabarangpur

## ଏନ୍‌ଟିପିସି ସର୍ଭେ

ନବରଙ୍ଗପୁର ଜିଲ୍ଲାରେ ଆଣବିକ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ଭାରତ ସରକାରଙ୍କ ଏନ୍.ଟି.ପି.ସି. ପକ୍ଷରୁ ପ୍ରାରମ୍ଭିକ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ସର୍ଭେ କାର୍ଯ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକରେ ପ୍ରସ୍ତାବିତ ଏହି ପ୍ରକଳ୍ପ ପାଇଁ ସ୍ଥାନ ନିରୂପଣ କରାଯାଇଛି। ୧୦ରୁ ୧୨ଟି ସ୍ଥାନରେ ମାଟି ପରୀକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପରୀକ୍ଷା କରାଯାଉଛି। ଆସନ୍ତା ୧୦ ଦିନ ମଧ୍ୟରେ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ କହିଛନ୍ତି। ପ୍ରସ୍ତାବିକ ଆଣବିକ ଶକ୍ତି ପ୍ରକଳ୍ପକୁ

ନେଇ ଅଯଥା ଭୟଭୀତ ନ ହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟରେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

Desk

# ପାନମସଲା ପାଉଚ୍

ପାନ ମସଲା ପ୍ୟାକେଜିଙ୍ଗ୍ ନେଇ ସଂଶୋଧିତ ନିୟମାବଳୀ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ-ଏଫ୍ଏସ୍ଏସ୍ଏଆଇ ଲାଗୁ କରିଛି । ପ୍ଲାଷ୍ଟିକ୍, ସିନ୍ଥେଟିକ୍ ପଲିମର, ପଲିଥିନ୍, ଆଲୁମିନିୟମ୍ ଫଏଲ୍ ଓ ଅନ୍ୟାନ୍ୟ ପ୍ଲାଷ୍ଟିକ୍ ଧାତୁ ଆଧାରିତ ଫଏଲ୍ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଏଥିପାଇଁ ପ୍ଲାଷ୍ଟିକମୁକ୍ତ କାଗଜ, ପେପର ବୋର୍ଡ, ସେଲୁଲୋଜ କିମ୍ବା ପ୍ରାକୃତିକ ସାମଗ୍ରୀ ବ୍ୟବହାର କରାଯାଇ ପାରିବ ବୋଲି ପ୍ରାଧିକରଣ ପକ୍ଷରୁ କୁହାଯାଇଛି । ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏହି ସଂଶୋଧିତ ନିୟମାବଳୀ ଜାରି କରାଯାଇଛି ।

Desk

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ

କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଅନୁଗୁଳ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ, ଢେଙ୍କାନାଳ, ବରଗଡ଼, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଆଦି ୧୫ଟି ଜିଲ୍ଲାରେ ବର୍ଷା ହେବା ନେଇ କୁହାଯାଇଛି। ଅନ୍ୟପକ୍ଷରେ ଗତକାଲି ସୁନ୍ଦରଗଡ଼ ଜିଲ୍ଲାରେ ବଜ୍ରପାତ ଯୋଗୁଁ ୪ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି ଏବଂ ୬ ଜଣ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।